# ଆଂଚଳିକ ଶିଳ୍ପ କେନ୍ଦ୍ର, ଢେଙ୍କାନାଳ

## କୋଭିଡ-୧୯ ମହାମାରୀ ନିମନ୍ତେ ଆର୍ଥିକ ସହାୟତା

କଭିଡ-୧୯ ମହାମାରୀ ନିମନ୍ତେ ଆର୍ଥିକ ସହାୟତା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ ଯୋଜନା ଅଧିନରେ ହିତାଧିକାରୀ ମାନଙ୍କୁ ପ୍ରକଳ୍ପ ମୂଲ୍ୟର ଶତକଡା ୫ପ୍ରତିଶତ ସ୍ୱଧନ ବିନିଯୋଗ ରାଶି ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଯୋଗାଇ ଦିଆଯାଇଛି । ଏଥିନିମନ୍ତେ ବୁଧବାର ଜିଲ୍ଲା କାର୍ଯ୍ୟାଳୟର ସଦଭାବନା ଗୃହରେ ଅନୁଷ୍ଠିତ ଡିସିସି ବୈଠକରେ ଜିଲ୍ଲାପାଳ ଭୂମେଶ ଚନ୍ଦ୍ର ବେହେରା ହିତାଧିକାରୀଙ୍କ ସହାୟତା ରାଶି ବ୍ୟାଙ୍କ ମାନଙ୍କୁ ପ୍ରଦାନ କରିଥିଲେ । ମୋଟ ୨୯ଜଣ ହିତାଧିକାରୀଙ୍କୁ ୧୫ଲକ୍ଷ ୩୬ହଜାର ୪୮୬ଟଙ୍କା ସହାୟତା ରାଶି ଏହି ଯୋଜନାରେ ଯୋଗାଇ ଦିଆଯାଇଛି । ଏଥିପାଇଁ ଆଂଚଳିକ ଶିଳ୍ପ କେନ୍ଦ୍ର ଢେଙ୍କାନାଳକୁ ଏହି ଯୋଜନାରେ ୮୯ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଚଳିତ ଆର୍ଥିକ ବର୍ଷ ନିମନ୍ତେ ଆଂ ଳିକ ଶିଳ୍ପ କେନ୍ଦ୍ର ଢେଙ୍କାନାଳ ପାଇଁ ୧୪୩ଗୋଟି ପ୍ରକଳ୍ପ ନିମନ୍ତେ ୪କୋଟି ୪୩ଲକ୍ଷ ୪୩ହଜାର ଟଙ୍କା ରିଆତି ନିମନ୍ତେ ସରକାରଙ୍କ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ବୋଲି ଆଂଚଳିକ ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସନ୍ତୋଷ କୁମାର ମିଶ୍ରଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ସନ୍ତୋଷ କୁମାର ମିଶ୍ର
ସାଧାରଣ ପରିଚାଳକ
ଆଂଚଳିକ ଶିଳ୍ପ କେନ୍ଦ୍ର, ଢେଙ୍କାନାଳ

Scanned with CamScanner